# ପିଲାଙ୍କ ଧରିତ୍ରୀ

ଶନିବାର, ୧୮ ଫେବୃୟାରୀ, ୨୦୨୩



# ଛୋଟ ଚଢ଼େଇର ବଡ଼ କାମ

## ଗପ

ଥରେ ଗୋଟିଏ ଗାଁରେ ଥିବା ଜଣେ ଲୋକର ଚାଳଘରେ ନିଆଁ ଲାଗିଗଲା। ହୁତ୍‌ହୁତ୍ ହୋଇ ନଡ଼ା ବାଉଁଶ ସବୁ ଖୁବ୍ ଜୋରରେ ଜଳିଲା। ଘର ପୋଡ଼ିଗଲା ବୋଲି ଚାରିଆଡ଼ ହୁରି ପଡ଼ିଗଲା। ଲୋକମାନେ ବାଲ୍‌ଟି, ଗରା, ମାଠିଆ, ଯିଏ ଯେମିତି ପାଇଲା ପୋଖରୀ, ନଳକୂପରୁ ପାଣି ନେଇ ନିଆଁରେ ପକାଉ ଥାଆନ୍ତି। ସେହି ଘର ପାଖରେ ଥିବା ଏକ ଗଛରେ ଛୋଟିଆ ଚଢ଼େଇଟିଏ ଏସବୁ ଦୃଶ୍ୟ ଦେଖି ତା' ମନରେ ଦୟା ଆସିଲା। ସେ ଆଉ ଡେରି ନ କରି ପାଖ ଗାଡ଼ିଆରୁ ନିଜର ଛୋଟିଆ ଥଣ୍ଟରେ ପାଣି ନେଇ ନିଆଁରେ ପକାଉଥାଏ। ସେହି ଗଛରେ ମଧ୍ୟ ଏକ କାଉ ବସି ଚଢ଼େଇର ଏଭଳି କାର୍ଯ୍ୟ ଦେଖୁଥିଲା। ତେଣୁ ବିଦ୍ରୁପ ଢଙ୍ଗରେ ହସି ହସି ଚଢ଼େଇକୁ କହିଲା, ''ରେ ଚଢ଼େଇ। ତୁମର ଏଇ ଛୋଟିଆ ଥଣ୍ଟରେ କେତେ ପାଣି ନେଇ ଘରପୋଡ଼ି ନିଆଁରେ ପକାଇବ ତାହା ପୁଣି ଲିଭିବ? ଏଥିପାଇଁ ତମକୁ ୧୦ ବର୍ଷ ଲାଗିଯାଇପାରେ''। କାଉର ଏକଥା ଶୁଣି ଚଢ଼େଇଟି କାଉକୁ କହିଲା, କାଉ ଭାଇ ଶୁଣନ୍ତୁ, ତୁମେ ଖୁବ୍ ଭଲକଥା କହିଲ। କଥାରେ ଅଛି, ''ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ, ଘର ପୋଡ଼ିଠାରୁ ବିପତ୍ତି ନାହିଁ।'' ଘରପୋଡ଼ିରେ ଯେଉଁମାନେ ସେବା ଓ ସାହାଯ୍ୟ କରିଥାଆନ୍ତି ସେମାନେ ଖୁବ୍ ପୁଣ୍ୟବାନ। କାରଣ ଏହା ହେଉଛି ସବୁଠାରୁ ବଡ ବିପତ୍ତି, ଏଣୁ ମୁଁ ମୋର ଏଇ ଟିକି ଥଣ୍ଟରେ ଯେଉଁ ଛୋଟିଆ ସେବାଟିଏ କରୁଛି, ତାହା ମୋ ପାଇଁ ୧୦ ବର୍ଷ ଲାଗିପାରେ, କିନ୍ତୁ



ଯେତେବେଳେ ଏଇ ଘରପୋଡ଼ିର ଇତିହାସ ଲେଖାଯିବ, ସେଥିରେ ଘରପୋଡ଼ିର କଳଙ୍କିତ ଅଧ୍ୟାୟରେ ମୋର ନାମ ନ ଥିବ, ବରଂ ସ୍ମରଣୀୟ ପୃଷ୍ଠା ଭିତରେ ଗ୍ରାମବାସୀ, ସାହାଯ୍ୟକାରୀ ଲୋକମାନଙ୍କ ଭିତରେ ମୋ ନାମଟି ଯୋଡ଼ିହୋଇ ଯାଇଥିବ। ତାହା ହିଁ ମୋ ଜୀବନର ସାର୍ଥକତା, ଆଉ ଶ୍ରେଷ୍ଠ ସଫଳତା।'' ଏଭଳି ଏକ ମୂଲ୍ୟବାନ୍ କଥା ଶୁଣି କାଉଟି ଅବାକ୍ ହୋଇ କହିଲା, ସତରେ ତୁମେ ଛୋଟ ପକ୍ଷୀଟିଏ ହେଲେ ମଧ୍ୟ ତୁମ ଭିତରେ ଯେଉଁ ମହତ୍ ଉଦ୍ଦେଶ୍ୟ ଲୁଚି ରହିଛି, ତାହା କ୍ୱଚିତ୍ ବ୍ୟକ୍ତିଙ୍କ ମଧ୍ୟରେ ଦେଖିବାକୁ ମିଳେ। ପ୍ରକୃତରେ ତୁମେ ମହାନ୍। ତୁମର ଏଭଳି ଭଲ କାମ ପାଇଁ ସଲାମ କରୁଛି।

ବାସ୍ତବରେ ଆମେ ସମସ୍ତେ ଏକଥା ଜାଣିଛେ, ଶୁଣିଛେ, ମନେରଖିଛେ ମଧ୍ୟ, କିନ୍ତୁ କାର୍ଯ୍ୟରେ ଲଗାଇବା ଆମର ଚିନ୍ତା, ବଚନ ଓ କର୍ମକୁ ବୁଦ୍ଧିମନ୍ତ କରିପାରିଲେ ସମାଜର ମଙ୍ଗଳ ହେବ। ଆମେ ସୂର୍ଯ୍ୟହୋଇ ସାରା ବିଶ୍ୱକୁ ଆଲୋକିତ କରି ନ ପାରିଲେ ବି ଦୀପଟିଏ ହୋଇ ଘନ ଅନ୍ଧାର ଭିତରୁ ସାମାନ୍ୟ ଆଲୋକ ବର୍ତ୍ତିକା ହୋଇପାରିବା, ଆମ ଭିତରେ 'ତମସୋ ମା' ଜ୍ୟୋତିର୍ଗମୟୋ' ହୋଇ ଅନ୍ଧାରକୁ ଦୂରେଇ ଜ୍ଞାନର ଆଲୋକକୁ ପ୍ରଜ୍ୱଳିତ କରି ପାରିବା, ଏହା ହିଁ ମାନବିକ ମୂଲ୍ୟବୋଧର ସର୍ବଶ୍ରେଷ୍ଠ ପରିଚୟ। ମହତ୍ ଉଦ୍ଦେଶ୍ୟ, ଉତ୍ତମ ଚିନ୍ତା ଓ ଚେତନାକୁ ଜାଗ୍ରତ କରିପାରିଲେ ଆମେ ସମସ୍ତେ ପ୍ରକୃତ ମାନବିକତାର ପରିଚୟ ଦେଇପାରିବା, ଯାହାଫଳରେ ଏକ ସତ୍ୟ, ଶିବ ଓ ସୁନ୍ଦର ପୃଥିବୀଟିଏ ଗଢ଼ିବାକୁ ସମର୍ଥ ହୋଇପାରିବା।

**-ଶଶଧର ମହନ୍ତୀ**
ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ:୭୯୭୮୫୦୬୬୪୭

## ଖିଲି ଖିଲି ହସ

ରୋଗୀ: ସାର୍, ମୁଁ ଚାବି ଗିଳିଦେଇଛି!
ଡାକ୍ତର: ଏମିତି କେବେ ହେଲା?
ରୋଗୀ: ଚାବିକୁ ମୁଁ ତିନିମାସ ଆଗରୁ ଗିଳିଦେଇଛି।
ଡାକ୍ତର: ତା'ହେଲେ ଏବେ କାହିଁକି ଆସିଛ?
ରୋଗୀ: ଡୁପ୍ଲିକେଟ୍ ଚାବିରେ କାମ ଚଳୁଥିଲା, ହେଲା ଆଜି ସେ ଚାବି ହଜିଯାଇଛି।

ଡାକ୍ତର: ମାଉସୀ, ଆପଣଙ୍କୁ ମୁଁ ଏମିତି ମେଡିସିନ୍ ଦେବି, ଯାହାକୁ ଖାଇଲେ ବୟସ ୫୦ ବର୍ଷରୁ କମ୍ ଭଳି ଲାଗିବ।
ମାଉସୀ: ପୁଅ,ଏମିତି ଔଷଧ ମୋତେ ଦିଅନି, କାରଣ ମୁଁ ଯେଉଁ ପେନ୍‌ସନ ଗଣ୍ଡାକ ପାଉଛି ଆଉ ମୋତେ ମିଳିବନି।

ରାକେଶ ପାରାଚ୍ୟୁଟ୍ ବିକ୍ରି କରୁଥିଲା। ବିକ୍ରି କରିବା ସମୟରେ ସେ କହୁଥିଲା-ନିଅ ନିଅ, ଏରୋପ୍ଲେନ୍‌ରୁ ଡିଅଁ, ବଟନ ଦବାଇ ସୁରକ୍ଷିତ ଭାବେ ତଳେ ପହଞ୍ଚିଯାଅ।
ଗ୍ରାହକ: ଯଦି ପାରାଚ୍ୟୁଟ୍ ନ ଖୋଲେ?
ରାକେଶ: ତେବେ ଆପଣ ପୂରା ଟଙ୍କା ଫେରସ୍ତ ପାଇବେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ


Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ବର୍ଜ୍ୟ କାଫେ



ପ୍ଲାଷ୍ଟିକ ଯୋଗୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପାଷ୍ଟିକ ମାଟିରେ ମିଶିପାରୁ ନ ଥିବାରୁ ଏହା ପଡ଼ି ରହି ଆବର୍ଜନା ସୃଷ୍ଟି କରୁଛି। ତେବେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଛତିଶଗଡ଼ର ଅମ୍ବିକାପୁର ନଗର ନିଗମରେ ଏକ କାଫେ ଆରମ୍ଭ ହୋଇଛି। ଯାହାର ନାମ ରହିଛି ବର୍ଜ୍ୟ କାଫେ। ଏହି କାଫେର ସ୍ଲୋଗାନ୍ ରହିଛି ପ୍ଲାଷ୍ଟିକ ଲାଓ, ଖାନା ଖାଓ। ସେଠାରେ ପ୍ଲାଷ୍ଟିକ୍ ବର୍ଜ୍ୟ ବଦଳରେ ମାଗଣାରେ ଖାଦ୍ୟ ପ୍ରଦାନ କରାଯାଉଛି। ଯେ କେହି ବି ୧କିଲୋ ଓଜନର ବର୍ଜ୍ୟ ପ୍ଲାଷ୍ଟିକ ଦେଲେ ଗୋଟିଏ ମିଲ୍ ଏବଂ ଅଧ କିଲୋ ପ୍ଲାଷ୍ଟିକ ଦେଲେ ଟିଫିନ୍ କରିବାକୁ ଦେଇଥାନ୍ତି। ସେହିପରି ଦିଲ୍ଲୀରେ ମଧ୍ୟ ଏଭଳି ପଦକ୍ଷେପ ନିଆଯାଇଛି। ସାଉଥ୍ ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେଶନ ପକ୍ଷରୁ ବର୍ଜ୍ୟ କାଫେ ଖୋଲାଯାଇଛି।

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

- 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଇଥିବା ସମସ୍ତ ଚିତ୍ର ଆକର୍ଷଣୀୟ ହୋଇଛି।

  **-ଶୁଭ୍ରଜିତ କର,** ବରପାଲ୍ଲୀ, ବରଗଡ଼

- ଏଥରର ପ୍ରଚ୍ଛଦ ପୃଷ୍ଠାଟି ଖୁବ୍ ସୁନ୍ଦର ହୋଇଛି।


  **- ରାଜଦୀପ୍ ପଣ୍ଡା,** ଘସିପୁରା, କେନ୍ଦୁଝର

- 'ଏଥରର ପ୍ରଶ୍ନ' ସ୍ତମ୍ଭରେ ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦେବାକୁ ମଜା ଲାଗୁଛି।

  **- ଇତି ସାମନ୍ତ,** ଦଉତୋଟା, ପୁରୀ

## ଗତ ଥରର ରଙ୍ଗ ଦିଅ





**ଖୁସବୁ ଗଉଡ଼**
କ୍ଲାସ୍-୩, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୀମକେଲା, କଳାହାଣ୍ଡି



# ଫ୍ରି ଟାଇମ୍

ଦୈନନ୍ଦିନର ବ୍ୟସ୍ତ ଜୀବନରେ ଖେଳକୁଦ, ମଜାମସ୍ତି କରିବାକୁ ପିଲାମାନେ ଭଲପାଆନ୍ତି। ସ୍କୁଲ, ଟ୍ୟୁଶନ ଏବଂ ଘରେ ପାଠପଢ଼ା ପରେ ପିଲାଏ ଫ୍ରି ଟାଇମ୍ ପାଇଲେ ନିଜ ମନ ପସନ୍ଦର କାମ କରିଥାନ୍ତି। ତେବେ ଏହି ସମୟକୁ ପିଲାମାନେ କିଭଳି ସଦୁପଯୋଗ କରୁଛନ୍ତି ଜାଣନ୍ତୁ ସେ ସମ୍ପର୍କରେ ...

ହୋମ୍‌ୱର୍କ ଓ ସେଲ୍ଫ ଷ୍ଟଡି ପରେ ଫ୍ରି ଟାଇମ୍ ପାଇଲେ କିଏ ପେଣ୍ଟିଂ କରୁଛନ୍ତି ତ କିଏ ଲେଖିବାକୁ ପସନ୍ଦ କରୁଛନ୍ତି। ଆଉ କେହି ଗୀତ, ନାଚ ଏବଂ ଅଦରକାରୀ ଜିନିଷରୁ ଭଳିକି ଭଳି ଘରସଜ୍ଜା ଜିନିଷ ତିଆରି କରୁଛନ୍ତି। ଖେଳକୁଦ ଛଡ଼ା ଏବେ ଅନେକେ ସୃଜନଶୀଳତା ଉପରେ ଗୁରୁତ୍ୱ ଦେଉଛନ୍ତି। ନିଜ ରୁଚିର କାର୍ଯ୍ୟ କରି ସେମାନେ ଖୁସି ହେବା ସହ ତାହା ସେମାନଙ୍କୁ ମାନସିକ ଶାନ୍ତି ଦେଇପାରୁଛି। ପ୍ରତିଟି ସମୟ ମୂଲ୍ୟବାନ। ତେଣୁ କେବଳ ଖେଳକୁଦ ନ କରି ଫ୍ରି ଟାଇମ୍‌ର ସୁବିନିଯୋଗ କରିବା ଜରୁରୀ।

## ଫ୍ରି ଟାଇମ୍‌ରେ କ'ଣ କରିବେ...

- ଯଦି ଲେଖାଲେଖି କରିବାକୁ ଭଲପାଆନ୍ତି ତେବେ ଖାଲି ସମୟରେ ଡାଏରିରେ ଲେଖିପାରିବେ କିମ୍ବା ଗପ, କବିତା ଇତ୍ୟାଦି ଲେଖିପାରିବେ। ଯାହାଦ୍ୱାରା ନିଜର ସୃଜନଶୀଳତା ବୃଦ୍ଧିପାଇବ।
- ପାଠ ଛାଡ଼ି ଅନ୍ୟ କରିକୁଲାର ଆକ୍ଟିଭିଟିଜ୍, ଯାହା ପ୍ରତି ନିଜର ରୁଚି ରହିଛି, ଏହି ବ୍ରେକ୍ ଟାଇମ୍‌ରେ ତାହା କରିପାରିବେ।
- ଆର୍ଟ ଆଉ କ୍ରାଫ୍ଟ କରୁଥିଲେ ଅଦରକାରୀ ଜିନିଷରୁ ଘରକୁ ଡେକୋରେଟ୍ କରିପାରିବେ।
- ଗଛ ଲଗାଇବାକୁ ଭଲ ପାଉଥିଲେ ଘର ଚାରିପାଖେ କିମ୍ବା ଛାତ ଉପରେ ବିଭିନ୍ନ ପ୍ରକାର ପନିପରିବା ଏବଂ ଫୁଲଗଛ ଲଗାଇପାରିବେ। ନିଜେ ସଫାସୁତରା ରହିବା ସହ ନିଜ ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
- ନିଜକୁ ଫ୍ରେଶ୍ ରଖିବାର ଭଲ ଉପାୟ ହେଉଛି ଟ୍ରାଭେଲିଂ କରିବା। ତେଣୁ ନିଜର ଟାଇମ୍‌ରେ ସାଙ୍ଗସାଥୀ କିମ୍ବା ପରିବାର ସହ ବୁଲିବାକୁ ଯାଆନ୍ତୁ।

### ଚିତ୍ର ଆଙ୍କିବାକୁ ଭଲପାଏ



ଫ୍ରି ଟାଇମ୍ ପାଇଲେ ଚିତ୍ର ଆଙ୍କିବାକୁ ଭଲପାଏ। ଆଉ ଗପ, ଉପନ୍ୟାସ ବି ପଢ଼ିଥାଏ। ବିଭିନ୍ନ ପ୍ରକାର ବହି ପଢ଼ିବା ଦ୍ୱାରା ମାଇଣ୍ଡ ଫ୍ରେଶ୍ ହୋଇଥାଏ। ମୋର ସବୁଠାରୁ ପ୍ରିୟ ବହି ହେଲା ଦ ଟ୍ରେଜର୍ ଆଇଲାଣ୍ଡ ଓ ରବିନ୍‌ଶନ୍ କ୍ରୁଶୋ। ମୋତେ କବାଡି ଓ ଖୋ ଖୋ ଖେଳିବାକୁ ବି ଭଲଲାଗେ। ପାଠପଢ଼ା ସାରିବା ପରେ ସ୍କୁଲ୍ ପଡ଼ିଆରେ ସାଙ୍ଗମାନଙ୍କ ସହ ଖେଳିଥାଏ। ଏଥିସହ ଫ୍ରି ଟାଇମ୍‌ରେ ପୁରୁଣା ଗୀତ ଶୁଣିବାକୁ ଓ ଗଛର ଯତ୍ନ ନେବାକୁ ବି ଭଲପାଏ।

**– ବିଶ୍ୱାସ ସେନାପତି**, କ୍ଲାସ୍-୬, ଡେଡି କିଡ୍ ପବ୍ଲିକ୍ ସ୍କୁଲ, ପୁରୀ

### ଗଛ ଲଗାଇ ଯତ୍ନ ନିଏ



ଫାଙ୍କା ସମୟରେ ବିଭିନ୍ନ ପ୍ରକାର ଫୁଲଫଳ ଓ ପନିପରିବା ଗଛ ବାଡ଼ିରେ ଲଗାଇଥାଏ। ସେସବୁର ଯତ୍ନ ନେବା ସହ ଦିନକୁ ୨ଥର ପାଣି ଦେଇଥାଏ। ସେଇ ପରିବେଶରେ ମୋତେ ପଢ଼ିବାକୁ ବହୁତ ଖୁସି ଲାଗେ। ସ୍କୁଲ, ଟ୍ୟୁଶନ୍‌ରୁ ଫେରିବା ପରେ ଗୋଟିଏ କୋଣରେ ଚେୟାର୍ ଟେବୁଲ୍ ପକାଇ ପଢ଼ିବସେ। ଶାନ୍ତ ପରିବେଶରେ ପଢ଼ିବା ଦ୍ୱାରା ପାଠ ମନେରୁହେ।

**–ପ୍ରେମପଡିତ ସିଂ**, କ୍ଲାସ୍-୧୦, ଶ୍ରୀ ସତ୍ୟସାଇ ସ୍କୁଲ, କଟକ





### ରୋଷେଇ ମୋର ପସନ୍ଦ



ରୋଷେଇ କରିବାକୁ ମୋତେ ଭଲ ଲାଗେ। ସ୍ନାକ୍ସ ଆଇଟମ ଓ ଚିକେନ୍ ରାନ୍ଧିବାକୁ ଆଗ୍ରହ ବେଶୀ। ଫ୍ରି ଟାଇମ୍ କିମ୍ବା ରବିବାର ଦିନ ମା'ଙ୍କୁ ସାହାଯ୍ୟ କରିଥାଏ। ଏହାଛଡ଼ା ଫ୍ରି ଟାଇମ୍‌ରେ କୁଇଜ୍ ଏବଂ ଗପ ମାଗାଜିନ୍ ପଢ଼ିଥାଏ। ଯେଉଁ ଗପ କବିତା ଭଲଲାଗେ ତା'ର ପେପର୍ କଟିଂ କରି ସାଇତି ରଖେ।

**–ଈପ୍‌ସିତା ପଣ୍ଡା**, କ୍ଲାସ୍-୯, ହରିନାରାୟଣ ନୋଡାଲ ୟୁପି ଏମ୍‌ଇ ସ୍କୁଲ, ଭଦ୍ରକ

୧ **ରିମା ରଏ**
କ୍ଲାସ୍- ୧୦, ଏସ.ବି
ସରକାରୀ ହାଇସ୍କୁଲ,
ଯାଜପୁର ରୋଡ,
ଯାଜପୁର





୨ **ତ୍ରିଶା ମିଶ୍ର**
କ୍ଲାସ୍-୨,
ଡିଏଭି
ପବ୍ଲିକ ସ୍କୁଲ,
ରାଜାବଗିଚା, କଟକ

୩ **ବର୍ଷା ପ୍ରିୟଦର୍ଶିନୀ ଜେନା**
କ୍ଲାସ୍- ୯, ଜୟ ଦୁର୍ଗା
ହାଇସ୍କୁଲ, ଓସାଳା,
ଯାଜପୁର





୪ **ପେଇସି ପାଣି**
କ୍ଲାସ୍- ୭,
ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ରାମଗିରି, ଗଜପତି

୫ **ଅରିନ୍ଦମ୍ ପଣ୍ଡା**
କ୍ଲାସ୍-୮, ଡୁନ୍
ଇଣ୍ଟରନ୍ୟାଶନାଲ
ସ୍କୁଲ, ସିଜୁଆ,
ଭୁବନେଶ୍ୱର





୬ **ପ୍ରତୀକ୍ଷା ମହାପାତ୍ର**
କ୍ଲାସ୍- ୫, କେନ୍ଦ୍ରୀୟ
ବିଦ୍ୟାଳୟ,
ଜଗତ୍‌ସିଂହପୁର

୭ **ଏ. ଜୁଡା ସାମୁଏଲ୍**
କ୍ଲାସ୍-୨, ସରକାରୀ
ୟୁ.ପି ସ୍କୁଲ,
ରାମଗିରି, ଗଜପତି





୧




୨



୬



୩



୪



୫



୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଆର୍ଟିଷ୍ଟ ପିଗ୍



ପିଲାମାନେ, ଘୁଷୁରି ଆର୍ଟ କରିବା କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ,ମାତ୍ର ଏହା ସତ। ଦକ୍ଷିଣ ଆଫ୍ରିକାର ପିଗ୍‌କାସୋ ନାମକ ଘୁଷୁରି ନିଜେ ଡ୍ରଇଂ କରି ଗିନିଜ୍ ରେକର୍ଡର ଅଧିକାରୀ ହୋଇଛି। ସେ ଆଙ୍କିଥିବା ପେଣ୍ଟିଂର ନାଁ ୱାଇଲ୍ଡ ଆଣ୍ଡ ଫ୍ରି। ଏହି ପେଣ୍ଟିଂଟି ୨୬.୮୯୮ଡଲାରରେ ବିକ୍ରି ହୋଇଛି। ପିଗ୍‌କାସୋ କରିଥିବା ୪୦୦ଟି ଆର୍ଟ ବିଶ୍ୱର ସବୁ ସ୍ଥାନରେ ବିକ୍ରି ହେଉଛି। ତା'ର ପେଣ୍ଟିଂ ସବୁଠୁ ଦାମୀ ଆର୍ଟ ଭାବେ ମଧ୍ୟ ପରିଗଣିତ ହୋଇଛି। ୨୦୧୬ ମସିହାରେ ସେ ଏକ ପିଗ୍ ଫାର୍ମରେ ଜନ୍ମଗ୍ରହଣ କରିଥିଲା।ପରେ ଜୋନ୍ ଲେଫସନ୍ ତାକୁ ସେଠାରୁ ଉଦ୍ଧାର କରି ନିଜେ ପାଳିଥିଲେ। ଜୋନ୍ ଲକ୍ଷ୍ୟକଲେ ସେ ପେଣ୍ଟ ବ୍ରଶ୍‌କୁ ଛାଡ଼ି ଘରର ଅନ୍ୟ ସବୁ ଜିନିଷ ନଷ୍ଟ କରି ଖାଇଦେଉଛି। ସେବେଠୁ ସେ ତା'କୁ ପେଣ୍ଟିଂ ଶିଖେଇବା ପାଇଁ ନିଷ୍ପତ୍ତି ନେଲେ। ବ୍ରଶ୍ ବ୍ୟବହାର କରି କାନଭାସ୍‌ରେ ଆଙ୍କିବାକୁ ତାକୁ ତାଲିମ ଦେବା ଆରମ୍ଭ କଲେ। ୨୦୧୭ ସୁଦ୍ଧା ତା'ର ସବୁ ଆର୍ଟକୁ ନେଇ ଜୋନ୍ ଏକ ଏକ୍‌ଜିବିଶନ କରିଥିଲେ । ପିଗ୍‌କାସୋ ବିଟରୁଟ୍ ଇଙ୍କ୍‌ରେ ନାକ ବୁଡାଇ ତା'ର ସବୁ ପେଣ୍ଟିଂରେ ଅଟୋଗ୍ରାଫ୍ ଛାଡ଼ିଥାଏ। ଏହାଦ୍ୱାରା ଅନ୍ୟ ପ୍ରାଣୀଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ସେ ବାର୍ତ୍ତା ଦେଉଛି ବୋଲି ଲେଫସନ୍ କହିଛନ୍ତି।






### ଫଗୁଣ ଆସିଛି

ବସନ୍ତ ଆସିଲା ବଉଳ ବାସିଲା
ଚଢ଼େଇ ଗାଇଲେ ଗୀତ
ଗାଆଁ ଶେଷ ମୁଣ୍ଡେ ଅଗି ଜଳିଗଲା
ଧୀରେ ଟଳିଗଲା ଶୀତ।
ସୁଲୁ ସୁଲୁ ବହେ ମଳୟ ପବନ
ଦେହ ହୁଏ ଶିରି ଶିରି
ବରଷକେ ପରେ ଗାଆଁକୁ ଆମର
ଫଗୁଣ ଆସିଛି ଫେରି।
ଆମ୍ବ ପତରରେ ମହୁରୀ ଫୁଙ୍କଇ
କୋଇଲି ତୋଟାର ମାଳେ
ରୂପାଥାଳି ପରି ଜହ୍ନ ହସୁଥାଏ
ଫୁଲ ପକା ତାରା ମେଳେ।
ସୋରିଷ କ୍ଷେତରେ ଚିକିମିକି କରେ
ସକାଳର ସୁନା ଖରା
ରଙ୍ଗ ବେରଙ୍ଗର କେତେ ଫୁଲ ଫୁଟି
ସୁନ୍ଦର ଦିଶଇ ଧରା।

**– ପ୍ରକାଶ କୁମାର ଚାନ୍ଦ**
ଜୟପୁର ଶାସନ, ପିପିଲି, ପୁରୀ
ମୋ: ୯୮୫୩୩୫୪୯୩୮

### ଅନ୍ଧାରେ ଆଜିବି

ରକ୍ତ ଡାକିଲା ରକ୍ତେ ସେଦିନ
ମାତୃଭୂମିର ଡାକ,
ଦିଲ୍ଲୀ ଚଲୋ ! ଦିଲ୍ଲୀ ଚଲୋ !
ସ୍ୱାଧୀନତା ପଥ ଦେଖ।
ଜଙ୍ଗଲ ପଥେ ଦର୍ପେ ଆଗେଇ
ଚାଲିଲା ଫଉଜ ଆମ,
ମଙ୍ଗ ସେନାର ଧରିଲ ନେତାଜୀ
ଚୁମିଲ ସ୍ୱର୍ଣ୍ଣ ଧାମ।
ଭାଷଣରେ ତ ଦେଶପ୍ରେମ ଯାଦୁ
ମୋହୁଥିଲା ପ୍ରାଣ ମନ,
ଅଜସ୍ର ଧନ ରତ୍ନ କୁଢ଼ାଇ
ଦେଉଥିଲେ କୋଟି ଜନ।
ନୟନୁ ଆମର ଅଚାନକ ତୁମେ
ଅନ୍ତର କିଆଁ ହେଲ,
ଅବା କା'ର କୂଟ ଚକ୍ରବ୍ୟୂହରେ
ଅଯଥାରେ ଫସିଗଲ ?
ଅବା ତୁମେ କେଉଁ ନିର୍ବାସନରେ
ଏବେ ବି କାଟୁଛ କାଳ,
ସତରେ ହେଉ କି ସ୍ୱପ୍ନରେ ଥରେ
ଦେଖାଦିଅ ଅବିକଳ।

**– ସୁସ୍ମିତା ମହାପାତ୍ର**
ସେକ୍ଟର–୬, ରାଉରକେଲା–୨
ମୋ: ୭୯୭୮୪୪୯୨୧୮

### । ଜାଗର ।



ସାରା ରାଇଜର ଶୈବ ପୀଠ ଆଜି
ଦିଶୁଅଛି ଶୋଭାବନ
ଭୋଳାନାଥଙ୍କର ପୁଣ୍ୟ ଦର୍ଶନାର୍ଥେ
ଭକ୍ତଙ୍କ ମନ ଉଛନ୍ନ।
ଅନେକ ପାଳନ୍ତି ଏ ପୁଣ୍ୟ ଦିନକୁ
ରଖି ଉପବାସ ବ୍ରତ
ମନ୍ଦିର ପ୍ରାଙ୍ଗଣେ ଜାଳନ୍ତି ଦୀପାଳି
ସର୍ବେ ହୋଇଣ ଏକତ୍ର।
ଆଜିର ଦିନରେ ଫଳ ପୁଷ୍ପ ଦେଇ
ଯେ କରଇ ଜଳଦାନ
ଅଜ୍ଞାନତା ତା'ର ଦୂରେଇ ମହେଶ
କରନ୍ତି କାମନା ପୂର୍ଣ୍ଣ।
ନିଶାର୍ଦ୍ଧର କାଳେ ଉଠେ ମହାଦୀପ
ଜଗତର ହିତ ପାଇଁ
ଘଣ୍ଟ ହୁଳହୁଳି କରତାଳି ମଧ୍ୟେ
ସମସ୍ତେ ଉଠନ୍ତି ଚେଇଁ।
ଜାଗରର ଏହି ପୁଣ୍ୟ ଅବସରେ
ଏତିକି କାମନା ମୋର
ସଭିଙ୍କ ହୃଦୟେ ଭରିଦିଅ ଖୁସି
ହସୁ ଏ ଧର୍ମ ସଂସାର।

**– ସ୍ୱୟଂପ୍ରଭା ବେହେରା**
ବିଡାନାସୀ,କଟକ
ମୋ: ୯୭୭୭୫୨୯୨୭୬

## ଏଥରର




- ଶିବ କେଉଁ ପର୍ବତରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି ?
- ଶିବଙ୍କ ଜଟାରୁ କେଉଁ ନଦୀ ପ୍ରବାହିତ ହୋଇଛି ?
- କେଉଁ ଓଡ଼ିଆ ମାସରେ ମହାଶିବରାତ୍ରି ପାଳନ କରାଯାଏ ?
- ଶିବଙ୍କ ନୃତ୍ୟରତ ଅବତାର କେଉଁ ନାମରେ ଖ୍ୟାତ ?
- ଭଗବାନ ଶିବଙ୍କ ଧନୁର ନାମ ?

## ଗତଥରର



- ଓଡ଼ିଆ ବଜାର
- ଜାନୁୟାରୀ ୨୩
- ରେଭେନ୍ସା କଲିଜିଏଟ୍ ସ୍କୁଲ୍
- ଜାନକୀନାଥ ବୋଷ
- ୨ଥର

## କହିଲ ଦେଖି



ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ
ଗାଆଁରୁ ସହର ଶିବ ମନ୍ଦିରେ
ରାତି ସାରା ରହିଣ ଉଜାଗର
ଭକତିରେ ଭକ୍ତ ଜାଳେ ଜାଗର
କୁହରେ ପିଲେ, ସେ କେଉଁ ପର୍ବ
ହିନ୍ଦୁମାନଙ୍କର ଅଟଇ ଗର୍ବ।

**ଉତ୍ତର – ମହାଶିବରାତ୍ରି**



ଗଙ୍ଗା ଯାହାଙ୍କର ଜଟାରୁ ବହେ
ତ୍ରିଶୂଳ ଡମ୍ବରୁ ହାତରେ ଶୋହେ
କୋପେ ବର ଅବା ତପରେ ବର
ଦେଇଥାନ୍ତି ସିଏ କେଉଁ ଠାକୁର
କହିବ ଯିଏ
ଠାକୁରଙ୍କ କୃପା ପାଇବ ସିଏ।

**ଉତ୍ତର–ଭଗବାନ ଶିବ**



ଲୋଡ଼ା ହୁଏ ଆଗ ଶୁଭ କାର୍ଯ୍ୟରେ
ଘରେ ବା ମନ୍ଦିରେ ପୂଜା ବିଧିରେ
ତେଲ ଅବା ଘିଅ ଭରି ଦେହରେ
ସଳିତା ଜଳାଇ ଅନ୍ଧାର ଦୂରାଏ
ଆଲୋକ ଦିଏ,
ସୁନା ପିଲା କୁହ କ'ଣ ସିଏ ?

**ଉତ୍ତର –ଦୀପ**

**– ଲୀଳାବତୀ ପରିଡ଼ା**
ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬



# ଦାମୀ ଶୁଆ





## କଳା ଶୁଆ

ସାଧାରଣତଃ ଆମ ଦେଶରେ ସବୁଜ ରଙ୍ଗର ଶୁଆ ଦେଖାଯାଆନ୍ତି। ମାତ୍ର ଏଠାରେ ଯେଉଁ ଶୁଆ ବିଷୟରେ ସୂଚନା ଦିଆଯାଉଛି, ତାହାର ରଙ୍ଗ କଳା । ଏହାକୁ ବ୍ଲାକ୍ ପାମ୍ କୋକାଟୁ କୁହାଯାଏ। ଦାମ ପ୍ରାୟ ୧୫-୨୦ ହଜାର ଡଲାର (ପାଖାପାଖି ୧୬ ଲକ୍ଷ ୩୪ ହଜାର ଟଙ୍କା)। ଆଉ ଏହି ଶୁଆ ବହୁତ ବୁଦ୍ଧିମାନ୍। ମଣିଷଙ୍କ ସହ ଏମାନେ ସହଜରେ ମିଶିଯାଆନ୍ତି। ଏଥିପାଇଁ କେତେକ ଲୋକ ଅତି ଉତ୍ସାହରେ ଏହି ଶୁଆକୁ ପାଳିଥା'ନ୍ତି। ଏମାନେ ଖୁବ୍ ସହଜରେ ମଣିଷଙ୍କ ଭାଷା ବୁଝିପାରନ୍ତି।

## ନୀଳ ରଙ୍ଗର ଶୁଆ

ବ୍ରାଜିଲ୍‌ରେ ଏକ ପ୍ରକାର ଶୁଆ ଦେଖିବାକୁ ମିଳନ୍ତି। ଏମାନେ ଦେଖିବାକୁ ନୀଳ ରଙ୍ଗର। ଦାମ ପାଖାପାଖି ୯ ଲକ୍ଷ ୮୦ ହଜାର ଟଙ୍କା ହେବ। ଏମାନଙ୍କ ଶରୀରର ଲମ୍ବ ପ୍ରାୟ ୧୦୦ସେ.ମି।


## ମିଶେଲ୍ କୋକାଟୁ

ଆଉ ଏକ ପ୍ରକାର ଶୁଆ ଅଛନ୍ତି, ଦେଖିବାକୁ ବହୁତ ସୁନ୍ଦର। ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏହି ଶୁଆ ମିଶେଲ୍ କୋକଟୁ ପ୍ରଜାତିର । ଏମାନଙ୍କ ରଙ୍ଗ ଧଳା ଓ ପିଙ୍କ୍ ମିଶା। ଏମାନଙ୍କୁ ମେଜର ମିଶେଲ ପକ୍ଷୀ ମଧ୍ୟ କୁହାଯାଏ। ଦାମ୍ ପାଖାପାଖି ୮ଲକ୍ଷ ୧୭ ହଜାର ଟଙ୍କା ହେବ।

# ମଶାଦାଉରୁ ରକ୍ଷା କରିବ ପୋଷାକ



ଏମିତି ଏକ ପୋଷାକ ଅଛି, ଯାହାକୁ ପିନ୍ଧିଲେ ଜମା ମଶା କାମୁଡ଼ିବ ନାହିଁ। ଏଭଳି ପୋଷାକ ପ୍ରସ୍ତୁତ କରିଛନ୍ତି ରାୟପୁରର ଫାର୍ମାସିଷ୍ଟ ଦମ୍ପତି ରବିକାନ୍ତ-ନମ୍ରତା ଦିବାକର। ଏହି ପୋଷାକରେ ସେମାନେ ଲେମନ୍‌ଗ୍ରାସ, ସିଟ୍ରୋନେଲା ଓ ପେରା ସୂତା ବ୍ୟବହାର କରିଛନ୍ତି। ତେବେ ଏହି ପୋଷାକ ସଂସ୍ପର୍ଶରେ ଆସିବା ମାତ୍ରେ ମଶା, ଝିଟିପିଟି ସମେତ ଅନ୍ୟ କେତେକ ପୋକ ଦୂରକୁ ପଳାଇବେ। ଏହି ପୋଷାକର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ପିନ୍ଧିବା ପରେ ସମ୍ପୃକ୍ତ ବ୍ୟକ୍ତି କିଛି ପରିମାଣରେ ଅବସାଦଠାରୁ ନିଜକୁ ଦୂରେଇ ରଖିପାରିବେ। ଉକ୍ତ ପୋଷାକରେ ବ୍ୟବହୃତ କପଡ଼ାରୁ ସେମାନେ କାର୍ପେଟ୍, ପରଦା, ଆସନ ମଧ୍ୟ ତିଆରି କରିଛନ୍ତି। ଔଷଧୀୟ ଗୁଣ ଭରି ରହିଥିବା ଏହି ପୋଷାକର ସୂତା ରାୟପୁରରେ ପ୍ରସ୍ତୁତ ହେଉଥିବା ବେଳେ କପଡା ରୋଜକୋଟ୍‌ରେ ପ୍ରସ୍ତୁତ ହେଉଛି। ଏହି କପଡ଼ାର ସୁଗନ୍ଧ ୩ରୁ ୫ବର୍ଷ ରହିବ ଆଉ ଏହି ସମୟ ଭିତରେ ମଶା କାମୁଡିବେ ନାହିଁ ବୋଲି ଉକ୍ତ ଫାର୍ମାସିଷ୍ଟ ଦମ୍ପତି କହିଛନ୍ତି।



# ଯେଉଁଠି ରାତି ମାତ୍ର ୪୦ ମିନିଟ୍

ଏଠାରେ ଦିନ-ରାତି ସମ୍ପର୍କିତ ଏଭଳି ଏକ ସୂଚନା ଦିଆଯାଉଛି, ଯାହା ଜାଣିବା ପରେ ଯେ କେହି ବି ଆଶ୍ଚର୍ଯ୍ୟପ୍ରକଟ କରିବେ। ବିଶ୍ୱରେ ଏପରି ଏକ ଦେଶ ଅଛି, ଯେଉଁଠି ପ୍ରାୟ ଅଢ଼େଇ ମାସ କାଳ ରାତିର ଅବଧି ମାତ୍ର ୪୦ ମିନିଟ୍। ସେହି ଦେଶଟି ହେଲା ନରୱେ । ଏଠାରେ ଏହି ଅଢ଼େଇ ମାସ ମଧ୍ୟରେ ରାତି ୧୨.୪୩ରେ ସୂର୍ଯ୍ୟ ଅସ୍ତ ହେଉଥିବା ବେଳେ ୧.୩୦ରେ ସୂର୍ଯ୍ୟୋଦୟ ହୋଇଥାଏ। ଏଥିପାଇଁ ଏହି ଦେଶକୁ କଣ୍ଟ୍ରି ଅଫ୍ ମିଡ୍‌ନାଇଟ୍ ମଧ୍ୟ କୁହାଯାଏ।

# ପେଣ୍ଟ ହାଉସ୍

ଆପାର୍ଟମେଣ୍ଟ ତଥା ବହୁତଳ ବିଶିଷ୍ଟ କୋଠା ଉପରେ ନିର୍ମିତ ବିଳାସପୂର୍ଣ୍ଣ ଘରକୁ ପେଣ୍ଟହାଉସ୍ କୁହାଯାଏ। ଏହି ଘର ସାଧାରଣ ଘରଠୁ ଭିନ୍ନ। ଅନ୍ୟ ଘରଠୁ ପେଣ୍ଟ ହାଉସର ଦାମ୍ ଢେର ଅଧିକ ହୋଇଥାଏ। ଅର୍ଥାତ ୨୦ କୋଟିରୁ ଆରମ୍ଭ ହୋଇ ୧୦୦ କୋଟି ପର୍ଯ୍ୟନ୍ତ ହୋଇପାରେ। ନଏଡା, ବାଙ୍ଗାଲୋର, ମୁମ୍ବାଇ, ଗୁରୁଗ୍ରାମ୍ ଆଦି ସ୍ଥାନରେ ଏହି ପେଣ୍ଟ ହାଉସ୍ ଅଧିକ ଦେଖିବାକୁ ମିଳିଥାଏ।



# ଆ ଇ ନା



ବିଷ୍ଣୁପ୍ରିୟା ଢୋଲି
୬ ବର୍ଷ, କଟକ



ବିଶ୍ୱବନ୍ଦିତା ବେହେରା
୭ ବର୍ଷ, ଖୋର୍ଦ୍ଧା